# Akashvani, Sambalpur

## SAMBALPURI NEWS BULLETIN

### 14 September 2024- 6.47- 6.52 am.

*********************************************

ପ୍ରଧାନ୍‌ମନ୍ତ୍ରୀ-ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ /ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୭ ତାରିଖ୍ ଦିନ ଓଡ଼ିଶା ଗସ୍ତ ନ ଆସୁଛନ୍ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ନ ସୁଭଦ୍ରା ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ । ଇତାର୍‌ଛଡ଼ା ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା ଅଧୀନ୍‌ଥି ଓଡ଼ିଶା ସହେତେ ଭିନ୍ ଭିନ୍ ରାଜ୍ୟର୍ ୧୦ ଲାଖ୍ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ୍ ବାଂଟ୍‌ବେ । ଇ ଜାତୀୟସ୍ତରର୍ କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ରାଜ୍ୟର୍ ଆବାସ ହିତାଧିକାରୀଙ୍କର୍ ବେଙ୍କ୍ ଏକାଉଂଟ୍‌କେ ପହେଲା କିସ୍ତି ଟଙ୍କା ବାବ୍‌ଦେ ୩ ହଜାର୍ ଶହେ ୮୦ କୋଟି ଟଙ୍କା ଡିଜିଟାଲ୍ ଜରିଏ ଦିଆଯିବା । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ଆବାସ ପ୍ଲସ୍ ୨୦୨୪ ଆପ୍‌ର ଉନ୍ମୋଚନ୍ କର୍‌ବେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଓଡ଼ିଶା ଗସ୍ତ ବାବ୍‌ଦେ କେନ୍ଦ୍ରମନ୍ତ୍ରୀ ଶିବ୍‌ରାଜ୍ ସିଂ ଚୌହାନ୍ ସୂଚ୍‌ନା ଦେଇକରି କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀଙ୍କର୍ ଉଦ୍‌ଘାଟନ୍ ଉତ୍‌ରୁ

୨୬ ଲାଖ୍ ହିତାଧିକାରୀ ଗୃହ ପ୍ରବେଶ୍ କର୍‌ବେ । ଚଲ୍‌ତି ଆର୍ଥିକ୍ ବଛ୍‌ରେ ଓଡ଼ିଶା ନ ୨୨ ହଜାର୍ ୫ ଶହ ୭୨ ଆବାସ ନିର୍ମାଣ ଲାଗି ଲକ୍ଷ୍ୟ ରଖାଯାଇଛେ । ଇଥିର୍‌ଲାଗି ୪୧ କୋଟି ୩୨ ଲାଖ୍ ଟଙ୍କା ଦିଆଯାଇଛେ ।

ପଶୁପାଲନ୍, ଦୁଗ୍ଧ ଉତ୍ପାଦନ୍ ମନ୍ତ୍ରଣାଳୟ-ମୌସୁମୀ ବୈଠକ୍

ଆର୍‌ଏନ୍‌ୟୁ /ସମ୍ବଲପୁର

ଚାଷୀମାନ୍‌କର୍ ଘର୍ ପାଖେ ୨୪ ଘଂଟିଆ ପ୍ରାଣୀ ସ୍ୱାସ୍ଥ୍ୟସେବା ଯୁଗେଇ ଦିଆଯିବା । ଇଥିର୍‌ଲାଗି ଗୁଟେ ସମନ୍ୱିତ କେନ୍ଦ୍ର ପ୍ରତିଷ୍ଠା ଲାଗି ରାଜ୍ୟ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ବିକଶିତ ଓଡ଼ିଶା - ୨୦୩୬କେ ନଜର୍‌ଥି ରଖିକରି ଏନ୍ତା ଯୋଜ୍‌ନା ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । କେନ୍ଦ୍ର ସର୍‌କାର୍‌ଙ୍କର୍ ପଶୁପାଲନ୍ ଆଉ ଦୁଗ୍ଧ ଉତ୍ପାଦନ୍ ମନ୍ତ୍ରଣାଳୟ ତର୍‌ଫୁ ପହେଲା ମୌସୁମୀ ବୈଠକ୍ ଓଡ଼ିଶା ନ ହେଇଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ହେଇଥିବା ଇ ବୈଠକ୍‌ଥି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଦୁଗ୍ଧ ଉତ୍ପାଦନ୍ ବଢ଼ାବାର୍‌କେ ଆଏବା ୫ ବଛର୍ ଲାଗି ୧ ହଜାର୍ ୪ ଶହ ୨୩

କୋଟି ୪୭ ଲାଖ୍ ଟଙ୍କା ଖର୍ଚ୍ଚାଥି ନୂଆଁକରି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜ୍ନା ମୁଲ୍ କରାଯାଇଛେ ।

ଆଇଏସ୍ଏଲ୍ ଫୁଟ୍ବଲ୍ ମେଚ୍ ଆର୍ଏନ୍ୟୁ / ସମ୍ବଲପୁର

ଭୁବ୍ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍ ଆଇଏସ୍ଏଲ୍ ଫୁଟ୍ବଲ୍ ମେଚ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ମେଚ୍ର ଉଦ୍‌ଘାଟନ୍ କର୍ବେ । ଆଏଜ୍ ଓଡ଼ିଶା ଏଫ୍.ସି. ଆଉ ଚେନ୍ନାଇ ଏଫ୍.ସି ଭିତ୍ରେ ମେଚ୍ ହେବା । ଇ ମେଚ୍ ଦେଖ୍ବାର୍ ଲାଗି ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟର୍ ଛାତ୍ରଛାତ୍ରୀମାନେ ଆସ୍ବେ । ଇଥିର୍ଲାଗି ରାଜ୍ୟ ସର୍କାର୍ଙ୍କର୍ ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛେ ।

ବିଶ୍ୱସ୍ତରୀୟ ସାମୁଦ୍ରିକ ପ୍ରତିଷ୍ଠାନ ଆର୍ଏନ୍ୟୁ / ସମ୍ବଲପୁର

ଓଡ଼ିଶା ନ ବନ୍ଦର ବିକାଶ୍ ଆଉ ମାଛ୍ ଧରା ବନ୍ଦର୍ର ଉନ୍ନତି ସହେତେ ରାଏଜେ ଗୁଟେ ବିଶ୍ୱସ୍ତରୀୟ ସାମୁଦ୍ରିକ ପ୍ରତିଷ୍ଠାନ୍ କର୍ବାର୍ ଲାଗି ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କେନ୍ଦ୍ର ସର୍କାର୍ଙ୍କୁ ପ୍ରସ୍ତାବ୍ ଦେଇଛନ୍ । ଗୋଆଠାନେ

ହେଉଥିବା ସାମୁଦ୍ରିକ ରାଜ୍ୟ ବିକାଶ୍ ପରିଷଦ୍‌ର ୨୦ ନମ୍ବର୍ ବୈଠକ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ଜେନା ଓଡ଼ିଶା ନ ସାମୁଦ୍ରିକ ଭିତିଭୂମିର୍ ବିକାଶ୍ ଆଉ ବନ୍ଦର୍‌ମାନ୍‌କର୍ ଉନ୍ନତି ବାବ୍‌ଦେ କେନ୍ଦ୍ର ସର୍‌କାର୍‌ଙ୍କର୍ ନଜର୍‌କେ ଆନିଛନ୍ ।

ପଣ୍ୟଗାର ନିଗମ୍ ଗୁଦାମ୍-ସମୀକ୍ଷା ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ରାଜ୍ୟ ପଣ୍ୟଗାର ନିଗମ୍‌ର ମୁଖ୍ୟ କାର୍ଯ୍ୟାଳୟ ନ ନିଗମ୍‌ର ଭିନ୍ ଭିନ୍ ଗୁଦାମ୍‌ର କାମ୍ ଉପ୍‌ରେ ସମବାୟ ମନ୍ତ୍ରୀ ପ୍ରଦୀପ ବଲସାମନ୍ତ ଗଲାକାଏଲ୍ ସମୀକ୍ଷା କରିଛନ୍ । ଗୁଦାମ୍ କାମ୍‌ଥି ଅଏତ୍‌କା ସ୍ୱଚ୍ଛତା ଆଉ ନିରାପତା ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍‌କେ ମନ୍ତ୍ରୀ ଜୋର୍ ଦେଇଛନ୍ । ଇତାର୍ ସହେତେ ଗୁଦାମ୍ ଘର୍ ମାନ୍‌କେ ସିସିଟିଭି କେମ୍‌ରା ଲଗାବାର୍‌କେ ସେ ପରାମର୍ଶ ଦେଇଛନ୍ ।

ସୁରଭି -୨୦୨୪ ଆର୍‌ଏନ୍‌ୟୁ /ସମ୍ବଲପୁର

ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍ଫୁ ଚଲ୍ତି ବଛର୍ ୩ ଦିନିଆ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ୍ ସୁରଭି -୨୦୨୪ ହେବା । ଭୁବ୍‌ନେଶ୍ୱର୍ ୟୁନିଟ୍-୩ କେପିଟାଲ୍ ହାଇସ୍କୁଲ୍ ନ ହେବାର୍‌କେ ଥିବାର୍ ଇ କାର୍ଯ୍ୟକ୍ରମ୍ ନଭେମ୍ବର୍ ୧୨ ନୁ ମୁଲ୍ ହେଇକରି ୧୪ ତାରିଖ୍‌ତକ୍ ଚାଲ୍‌ବା । ଇ କାର୍ଯ୍ୟକ୍ରମ୍ ଆଘୋନୁ ସ୍କୁଲ୍, କ୍ଲଷ୍ଟର୍, ବ୍ଲକ୍ ଆଉ ଜିଲ୍ଲାସ୍ତର୍ ନ ସୁରଭି କାର୍ଯ୍ୟକ୍ରମ୍ ଆୟୋଜନ୍ କର୍‌ବାର୍‌କେ ବିଭାଗ୍ ତର୍ଫୁ ନିଷ୍ପତି ନିଆଯାଇଛେ । ଚଲ୍ତି ବଛର୍ ସୁରଭି-୨୦୨୪ର ମୁଖ୍ୟ ପ୍ରସଙ୍ଗ୍ କି ଥିମ୍ ରହିଛେ - ଓଡ଼ିଶାର୍ ଲୋକକଳା । ଇ ବାବ୍‌ଦେ ଗଣଶିକ୍ଷା ବିଭାଗ୍ ତର୍ଫୁ ସବୁ ଜିଲ୍ଲାପାଲ୍ ମାନ୍‌କୁ ଚିଠି ଲେଖାଯାଇଛେ ।

କୃଷି ସଚେତନତା ରଥ- ଦେବ୍‌ଗଡ୍       ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା କୃଷି ଆଉ କଷକ୍ ସଶକ୍ତିକରଣ୍ ବିଭାଗ୍ ତର୍ଫୁ ଅଣ ଧାନ ଚାଷ୍ ବାବ୍‌ଦେ ଗୁଟେ କୃଷି ସଚେତନତା ରଥର ଶୁଭାରମ୍ଭ କରାଯାଇଛେ । ବାର୍‌କୋଟ୍ ବ୍ଲକ୍ କୃଷି ଆଉ ସୂଚନା ପରାମର୍ଶ କେନ୍ଦ୍ର ଠାନେ କୃଷି ଅଧିକାରୀ, ଧବଳେଶ୍ୱର୍ ପ୍ରଧାନ୍, ଇଟାର୍ ଶୁଭାରମ୍ଭ କରିଥିଲେ । ଅଣଧାନ ଚାଷ, ଯେନ୍ତାକି ଡାଲି ଜାତୀୟ ଆଉ ପନିପରିବା ଚାଷ୍ କେନ୍ତା କରାଯିବା ସେ ବାବ୍‌ଦେ

ଇ ରଥ ସଚେତନ୍ କର୍‌ବା । ଇ ସଚେତନତା କାର୍ଯ୍ୟକ୍ରମ୍ ବୃହତ୍ ଉଠା ଜଳସେଚନ୍ ଅଧିନ୍‌ଥି ଥିବା ସବୁ ଗାଁ ନ କରାଯିବା ।

ଦେବ୍‌ଗଡ଼୍-ଏଡ୍‌ସ୍ ସଚେତନତା କାର୍ଯ୍ୟକ୍ରମ          ଦେବ୍‌ଗଡ଼୍

ଦେବ୍‌ଗଡ଼୍ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ନ ଯୁବ ରେଡ଼୍‌କ୍ରସ୍ ଶାଖା ତର୍‌ଫୁ ଏଚ୍‌ଆଇଭି ଏଡ୍‌ସ୍ ସଚେତନତା କାର୍ଯ୍ୟକ୍ରମ୍ ଗଲାକାଏଲ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଏଡ୍‌ସ୍ ରୋଗର୍ କାରଣ୍ ଆର୍ ତାର୍ ପ୍ରତିକାର୍ ବାବ୍‌ଦେ ବିଦ୍ୟାର୍ଥୀ ମାନ୍‌କୁ ଅତିଥି ମାନେ ସଚେତନ୍ କରେଇଥିଲେ । ଇତାର୍ ଉତ୍‌ରୁ ମହାବିଦ୍ୟାଳୟ ପରିସର ନ ଗଛ୍ ଲଗାଯାଇଛେ ।

ହୀରାକୁଦ୍ ପାୱାର୍ ସିଷ୍ଟମ୍-ରେକର୍ଡ଼୍       ଆର୍‌ଏନ୍‌ୟୁ /ସମ୍ବଲପୁର

ହୀରାକୁଦ୍ ପାୱାର୍ ସିଷ୍ଟମ୍ ବିଦ୍ୟୁତ୍ ଉତ୍ପାଦନ୍‌ଥି ରେକର୍ଡ଼୍ କରିଛେ । ବୁର୍ଲା ଆଉ ଚିପିଲିମା ଶକ୍ତିକେନ୍ଦ୍ରନୁ ଗଲା ଦେଢ଼୍‌ମାସ୍ ହେଲା ଲଗାତାର୍ ଅଢ଼େଇ ଶହ ନୁ ଅଏତ୍‌କା ବିଦ୍ୟୁତ୍ ଉତ୍ପାଦନ୍ ହେଉଛେ । ଗଲାକାଏଲ୍ ଇ ଦୁହି ଶକ୍ତିକେନ୍ଦ୍ରନୁ ମୋଟ୍ ୩ ଶହ

୧୨ ଦଶ୍‌ମିକ୍ ୨/୯/୨ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ୍ ହେଇଛେ । ଯେନ୍‌ଟାକି ଇ ବଛରର୍ ରେକର୍ଡ୍ ଆଏ । ବୁର୍ଲାନୁ ସବୁନୁ ଅଏତ୍‌କା ୨ ଶହ ୭୨ ଦଶ୍‌ମିକ୍ ୯/୧/୭ ଆଉ ଚିପିଲିମାନୁ ୪୦ ଦଶ୍‌ମିକ୍ ୩/୭/୫/ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ୍ ହେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ଦକ୍ଷିଣ ପୂର୍ବ ବାଂଲାଦେଶ୍ ଆର୍ ଇତାର୍ ଆଖର୍‌ପାଖର୍ ଇଲାକା ନ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇତାର୍‌ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏଜ୍ ସୁନ୍ଦର୍‌ଗଡ୍, ସମ୍ବଲ୍‌ପୁର୍, ଦେବ୍‌ଗଡ୍, ଝାର୍‌ସୁଗୁଡ଼ା, ବର୍‌ଗଡ୍, ନୂଆପଡ଼ା, ବଲାଙ୍ଗିର୍ ସହେତେ ରାଜ୍ୟର୍ ୧୨ ଟା ଜିଲ୍ଲା ନ ଧୁକାଧନ୍ଦି ସହେତେ ବର୍ଷା ହେଇପାରେ । ଇଥିର୍‌ଲାଗି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।